**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ**
**ବିଦ୍ୟୁତ୍ ନିୟାମକ ଭବନ,**
**ୟୁନିଟ-୮, ଭୁବନେଶ୍ୱର – ୭୫୧୦୧୨**
**********

# ବିଜ୍ଞପ୍ତି

ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୬୧, ୬୨, ୬୪, ୮୬ ଏବଂ ଅନ୍ୟାନ୍ୟ ପ୍ରୟୋଗାତ୍ମକ ବ୍ୟବସ୍ଥା ଅନୁସାରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ୨୦୧୩ର କେସ୍ ନମ୍ବର ୮୧, ୮୩, ୮୪, ୮୫, ୮୬, ୮୭ ଏବଂ ୮୮ର ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନ, ପରିବହନ ଓ ବଣ୍ଟନ କମ୍ପାନିମାନଙ୍କର ଆର୍ଥିକ ବର୍ଷ ୨୦୧୪-୧୫ ପାଇଁ ରାଜସ୍ୱ ଆବଶ୍ୟକତା ଓ ପ୍ରଶୁଳ୍କ ନିର୍ଦ୍ଧାରଣ ଫଇସଲା କରି ନିର୍ଦ୍ଦେଶନାମା ୨୨.୦୩.୨୦୧୪ରେ ଜାରୀ କରିଛନ୍ତି । ଏହି ନିର୍ଦ୍ଦେଶନାମା ୦୧.୦୪.୨୦୧୪ ଠାରୁ ଲାଗୁ ହେବ ଏବଂ ଏହା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

ବର୍ତ୍ତମାନ ଦେଶ ଓ ରାଜ୍ୟରେ ହେବାକୁ ଥିବା ଲୋକସଭା ଏବଂ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଫୋରମ୍ ଅଫ୍ ରେଗୁଲେଟରଙ୍କର (FOR) ଅଧ୍ୟକ୍ଷ ତା ୨୧.୦୧.୨୦୧୪ରେ ନିର୍ବାଚନ ଆୟୋଗଙ୍କୁ ବିଦ୍ୟୁତ୍ ପ୍ରଶୁଳ୍କ ନିର୍ଦ୍ଧାରଣର ନିର୍ଦ୍ଦେଶନାମାଜାରୀ କରିବା ସମ୍ବନ୍ଧରେ ସ୍ପଷ୍ଟିକରଣ ମାଗିଥିଲେ । କିନ୍ତୁ ନିର୍ବାଚନ ଆୟୋଗ ୧୭.୦୨.୨୦୧୪ରେ ଜଣାଇଲେ ଯେ ନିର୍ବାଚନ ଆଚରଣ ବିଧି ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗକୁ ମଧ୍ୟ ଲାଗୁ ହେବ ।

ତେଣୁ ନିର୍ବାଚନ ଆୟୋଗଙ୍କର ଉକ୍ତ ନିଷ୍ପତ୍ତିକୁ ନଜରରେ ରଖି ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଦ୍ୱାରା ଜାରୀ ହୋଇଥିବା ଉପରୋକ୍ତ ନିର୍ଦ୍ଦେଶନାମାଗୁଡ଼ିକ ବର୍ତ୍ତମାନ ଜଉମୁଦ ଖୋଳ ଭିତରେ ରଖାଯାଇଛି । ଓଡ଼ିଶାରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପରଦିନ, ଏହି ନିର୍ଦ୍ଦେଶନାମା ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯିବ ।

**ଆୟୋଗଙ୍କ ଆଦେଶ ଅନୁସାରେ**

**ସଚିବ**